# Akashvani, Sambalpur

## SAMBALPURI NEWS EVENING BULLETIN

## 19 july 2026-7.02- 7.12 pm.

---

୧- ଶ୍ରୀକ୍ଷେତ୍ର ପୁରୀ ନ ଗୁଣ୍ଡିଚା ମନ୍ଦିର୍ ନ ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ ଚତୁର୍ଦ୍ଧାମୂର୍ତ୍ତି - ଆଏଜ୍‌ଠାନୁ ମିଲ୍‌ଲା ଆଡ଼ପ ଅବଢ଼ା ।

- ବନକଲାଗି ନୀତି ଲାଗି ରାତି ୯ ବଜେନୁ ଡେରି ରାତି ୩ ବଜେତକ୍ ବନ୍ଦ୍ ରହେବା ସାଧାରଣ୍ ଦର୍ଶନ୍ ।

୨- ମୌସୁମୀ ଅଧିବେଶନ୍ ଆଘୋନୁ ସଂସଦ୍ ଭବନ୍ ନ ବସ୍‌ଲା ସର୍ବଦଳୀୟ ବୈଠକ୍ ।

୩- ୫୮ ନମ୍ବର୍ କେମେଷ୍ଟ୍ରି ଅଲମ୍ପିଆଡ୍ ଥି ଭୁବ୍‌ନେଶ୍ୱର୍‌ର ଦେବଦତ ପ୍ରିୟଦର୍ଶୀଙ୍କୁ ମିଲ୍‌ଲା ସ୍ୱର୍ଣ୍ଣପଦକ୍ - ଶୁଭେଚ୍ଛା ଜନାଲେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ୭ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୪ ଗେଟ୍ ଦେଇକରି ଛଡ଼ାଯାଉଛେ ବଏଢ଼୍ ପାଏନ୍ ।

ଚତୁର୍ଦ୍ଧାମୂର୍ତି- ଆଡ଼ପ ମଣ୍ଡପ          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ଗୁଣ୍ଡିଚା ମନ୍ଦିର୍ ଆଡ଼ପ ମଣ୍ଡପ ନ ଚତୁର୍ଦ୍ଧା ମୂର୍ତି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ । ଶୃଙ୍ଖଳିତ ନୀତିକାନ୍ତି ସହେତେ ଆଏଜ୍‌ଠାନୁ ଜନ୍ମବେଦୀଥି ଭକ୍ତମାନେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଆଉ ସୁଦର୍ଶନ୍ ମାହାପୁରୁଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ଆଡ଼ପ ଅବଢ଼ା ପାଉଛନ୍ । ଗୁଣ୍ଡିଚା ମନ୍ଦିର୍ ନ ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବାର୍ ଲାଗି ବହୁତ୍‌ଟେ ଭକ୍ତ ଠୋଲ୍ ହେଇଛନ୍ । ଆଏଜ୍ ପହପହ ନୁ ଭକ୍ତମାନେ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ଲାଗି ଧାଡ଼ି କରିଥିବାର୍ ବେଲେ ଦିନର୍ ୧୦ ବଜେ ଦର୍ଶନ୍ ମୁଲ୍ ହେଇଥିଲା । ଭକ୍ତମାନ୍‌କର୍ ଶୃଙ୍ଖଳିତ ଦର୍ଶନ୍ ଲାଗି ପ୍ରଶାସନ୍ ତରଫ୍‌ରୁ ସବୁ କିସ୍‌ମର ବ୍ୟବସ୍ଥା କରାଯାଇଛେ । ଶ୍ରୀଜଗନ୍ନାଥ୍ ମନ୍ଦିର୍ ବାଗିର୍ ଗୁଣ୍ଡିଚା ମନ୍ଦିର୍ ନ ଭିଲ୍ ମଙ୍ଗଳ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅବକାଶ, ବେଶ,

ଗୋପାଳବଲ୍ଲଭ ପୂଜା, ସକାଳ ଧୂପ, ଭୋଗମଣ୍ଡପ୍, ମହାସ୍ନାନ, ବଡ଼ସିଂହାର ବେଶ ଆଉ ରାତି ପହୁଡ଼ କରାଯିବା ।
ସେଆଡ଼େ ଆଏବା କାଏଲ୍ ହେରା ପଂଚମୀ ନୀତି ହେବା ବଲି ସୂଚ୍‌ନା ମିଲିଛେ ।

ବନକଲାଗି          ପୁରୀ ସମ୍ବାଦଦାତା

ଆଷାଢ଼ ଶୁକ୍ଳ ପଂଚମୀ ତିଥି ନ ଆଏଜ୍ ମାହାପୁରୁମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର-ବନକ ଲାଗି ନୀତି ଗୁଣ୍ଡିଚା ମନ୍ଦିର୍ ଆଡ଼ପ ମଣ୍ଡପ୍ ନ କରାଯିବା । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍‌ରୁ ରାତି ୯ ବଜେନୁ ଡେରି ରାତି ୩ ବଜେତକ୍ ଇ ନୀତି କରାଯିବା । ଇ ସମିଆଥି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ରତ୍ନଭଣ୍ଡାର୍ ଗନ୍‌ତି        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦିନ୍‌କର୍ ଲାଗି ହେବାର୍‌କେ ଥିବା ମାହାପୁରୁମାନ୍‌କର୍ ରତ୍ନଅଲଙ୍କାର୍‌ର ଗନ୍‌ତିମନ୍‌ତି କାମ୍ ଶେଷ୍ ହେଇଛେ । ଆଏଜ୍ ପାଖାପାଖ୍ ୨ ଘଂଟା ୨୭ ମିନିଟ୍‌ତକ୍ ଇ ଗନ୍‌ତି କାମ୍ କରାଯାଇଥିଲା । ଇ ସମିଆଥି ମାହାପୁରୁମାନ୍‌କର୍ ୯ ଟା ଶ୍ରୀଅଙ୍ଗ ଲାଗି ଅଲଙ୍କାର ଗନ୍‌ତି ଆଉ ମେଲକ କାମ୍ କରାଯାଇଛେ । ହେଲେ ଶ୍ରୀଅଙ୍ଗଥି ଲାଗି ହେଇଥିବାର୍‌ନୁ ଝୋବା କଣ୍ଠି ଅଲଙ୍କାର୍‌ର ଗନ୍‌ତି ଆଉ ମେଲକ ନାଇଁ ହେଇପାରି । ଶ୍ରୀଜୀଉଙ୍କର୍ ରୂପା ରସିକ ଶୁଆ ଝଂଟିଆ ୩ ଟା, ରାହୁରେଖା ୩ ଟା ଆଉ ରତ୍ନ ଚିତା ୩ ଟାର୍ ଗନ୍‌ତି ଆଉ ମେଲକ କରାଯାଇଛେ । ସବୁ ଅଲଙ୍କାର୍‌ର ଉଜନ୍ ଆର୍ ମାପ୍ ଉତ୍‌ରୁ ଥ୍ରିଡି ଗ୍ରାଫି ଆଉ ଭିଡ଼ିଓ ଗ୍ରାଫି ସହେତେ ରତ୍ନ ବିଶାରଦମାନ୍‌କର୍ ଜରିଏ ମୂଲ୍ୟବାନ୍ ରତ୍ନମାନ୍‌କର୍ ଚିହ୍ନଟ୍ କରାଯାଇଥିଲା । ଆଏଜ୍ ଦିନର୍ ୧୧ ବାଜିକରି ୩୧ ମିନିଟ୍‌ନୁ ଗନ୍‌ତି କାମ ମୁଲ୍ ହେଇକରି ଦିନର୍ ୧ ବାଜିକରି ୫୮ ମିନିଟ୍‌ତକ୍ ଚାଲିଥିଲା । ରତ୍ନଭଣ୍ଡାର୍‌ର ଗନ୍‌ତି କାମ୍ ମୁଲ୍ ହେବାର୍ ଦିନୁ ଆଏଜ୍‌ତକ୍ ପାଖାପାଖ୍ ୭୮ ଘଂଟା ୩ ମିନିଟ୍‌ର ଗନ୍‌ତି କାମ୍ ହେଇଥିବାର୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ସର୍ବଦଳୀୟ ବୈଠକ      ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ସଂସଦ୍ ଭବନ୍ ପରିସର୍ ନ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରନ୍ ରିଜିଜୁ ଆଉ ରାଜ୍ୟସଭା ନେତା ଜଗତ୍‌ପ୍ରକାଶ୍ ନଡ୍ଡା ପ୍ରମୁଖ ଯୋଗ୍ ଦେଇଥିଲେ । ସର୍‌କାର୍ ସଂସଦ୍‌ର ଦୁହି ଗୃହକେ ଠିକ ଭାବେ ପରିଚାଲନା କର୍‌ବାର୍ ଲାଗି ସବୁ ରାଜନୈତିକ୍ ଦଲ୍‌କେ ସହଯୋଗ୍ ମାଗିଛନ୍ । ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେଇକରି ଅଗଷ୍ଟ ମାସ ୧୩ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍ ସମିଆଥି ଆୟକର ସଂଶୋଧନ୍ ବିଲ୍- ୨୦୨୬, ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଆଉ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ବିକାଶ୍ ବିଲ୍, ଏଫ୍.ସି.ଆର୍.ଏ. ଆଉ ବିକଶିତ୍ ଭାରତ୍ ଶିକ୍ଷା

ଅଧିଷ୍ଠାନ୍ ବିଲ୍ ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ ।

ଦେବଦତ ପ୍ରିୟଦର୍ଶୀ- ସ୍ୱର୍ଣ୍ଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଜ୍‌ବେକିସ୍ତାନ୍‌ର ରାଜ୍‌ଧାନୀ ତାସ୍‌କେଂଟ୍ ଠାନେ ହେଇଥିବା ୫୮ ନମ୍ବର୍ କେମେଷ୍ଟ୍ରି ଅଲମ୍ପିଆଡ୍ ଥି ଭୁବ୍‌ନେଶ୍ୱର୍‌ର ଦେବଦତ ପ୍ରିୟଦର୍ଶୀଙ୍କୁ ସ୍ୱର୍ଣ୍ଣପଦକ୍ ମିଲିଛେ । ସେ ଭାରତୀୟ ଦଲ୍‌ଥି ଯାଇଥିବାର୍ ବେଲେ ତାଙ୍କର୍ ସାଙ୍ଗେ ଥିବା ଆଉ ୩ ଝନ୍ ଛାତ୍ରଙ୍କୁ ଭିଲ୍ ସ୍ୱର୍ଣ୍ଣପଦକ୍ ମିଲିଥିବା ସୂଚ୍‌ନା ମିଲିଛେ । ଅଲ୍‌ଗା ୩ ଝନ୍ ସ୍ୱର୍ଣ୍ଣବିଜେତା ହେଲେ - ପଞ୍ଜାବ୍‌ର ହର୍ଷିତ୍ ସିଙ୍ଗ୍‌ଲା, ଦିଲ୍ଲୀର୍ କବୀର୍ ଚିଲ୍ଲାର୍, ହାଇଦ୍ରାବାଦ୍‌ର ସନ୍ଦୀପ୍ କୁଚୀ । ଇ ପ୍ରତିଯୋଗିତାଥି ୯୩ ଟା ଦେଶର୍ ୩ ଶହ ୬୩ ଝନ୍ ବିଦ୍ୟାର୍ଥୀ ଭାଗ୍ ନେଇଥିଲେ । ପଦକ୍ ଜିତ୍‌ବାର୍‌ଥି ପହେଲା ଠାନ୍‌ଥି ଭାରତ୍, ଚାଇନା ଆଉ ଭିଏତ୍‌ନାମ୍ ରହିଛନ୍ । ଇ ପ୍ରତିଯୋଗିତା ରସାୟନ ବିଜ୍ଞାନ୍ କ୍ଷେତ୍ରଥି ପରୀକ୍ଷାମୂଳକ୍ ଆଉ ସିଦ୍ଧାନ୍ତ ଉପନୀତ ଉପ୍‌ରେ କରାଯାଇଥିଲା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ବଡ଼ ସଫଲତା ଲାଗି ସ୍ୱର୍ଣ୍ଣପଦକ୍

ବିଜେତାମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଇ ବିଦ୍ୟାର୍ଥୀମାନ୍‌କର୍ ବିଜ୍ଞାନ୍ ପ୍ରତି ଥିବା ନିଷ୍ଠା ଆଉ ଆଗ୍ରହ ସାରା ଦେଶ୍‌କେ ଗର୍ବିତ୍ କରିଛେ । ଇ ସଫଲତା ଅଗଣିତ ୟୁଆନ୍ ପିଢ଼ିଙ୍କର୍ ମନ୍‌କେ ରସାୟନ ବିଜ୍ଞାନ୍‌ଥି ଅଧ୍ୟୟନ୍ ଆଉ ଉତ୍କର୍ଷତା ହାସଲ୍ କର୍‌ବାର୍‌କେ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମଙ୍ଗଳ ପାଣ୍ଡେ ଜୟନ୍ତୀ           ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କର୍ ଜୟନ୍ତୀ ଅବ୍‌ସରେ ଦେଶ୍‌ବାସୀ ଆଏଜ୍ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ୧୮୫୭ ମସିହା ଭାରତ୍‌ର ପହେଲା ସ୍ୱାଧୀନତା ସଂଗ୍ରାମ୍‌ର ମହାନାୟକ ମଙ୍ଗଳ ପାଣ୍ଡେ ଅସୀମ ସାହସ୍ ଆଉ ଦେଶ୍‌ପ୍ରେମ୍‌ର ପ୍ରତୀକ । ସ୍ୱଦେଶ୍‌ର ସ୍ୱାଭିମାନ୍ ରକ୍ଷା ଲାଗି ବ୍ରିଟିଶ୍ ଶାସନ୍ ବିରୋଧିଥି ପହେଲା ବିଦ୍ରୋହର୍ ବାଟ୍ ଫିଟେଇଥିଲେ । ଇ ମହାନ୍ ବିପ୍ଳବୀଙ୍କର୍ ବଳିଦାନ୍ ଇତିହାସ୍‌ର ପୃଷ୍ଠାଥି ସବୁବେଲେ ଅମର୍ ହେଇକରି ରହେବା । ଦେଶ୍ ମାତୃକାର୍ ସେବା ଲାଗି ତାଙ୍କର୍ ତ୍ୟାଗ ଆଉ ନିଷ୍ଠା ଭାରତୀୟଙ୍କର୍ ମନ୍ ଭିତ୍‌ରେ ଦେଶ୍‌ପ୍ରେମ

ଭାବନା ଜଗଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଲ୍ ପାଣ୍ଡେଙ୍କର୍ ଜୟନ୍ତୀ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ତାଙ୍କର୍ ସାହସ୍ ଆଉ ସର୍ବୋଚ୍ଚ ବଳିଦାନ୍ ଆଏଜ୍ ଭିଲ୍ ଫି’ ଭାରତୀୟଙ୍କ ଗୌରବାନ୍ୱିତ କରୁଛେ । ତାଙ୍କର ଦେଶଭକ୍ତି ଆଉ ବୀରତ୍ୱ ଆଏବା ପିଢ଼ିକେ ପ୍ରେରଣା ଯୁଗାବା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ମଙ୍ଗଲ୍ ପାଣ୍ଡେଙ୍କର୍ ନିର୍ଭିକତା, ଅଦମ୍ୟ ଦେଶପ୍ରେମ ଆଉ ଅଟଳ ସମର୍ପଣ ଅସଂଖ୍ୟା ଦେଶ୍‌ଭକ୍ତଙ୍କୁ ପ୍ରେରଣା ଯୁଗେଇ ଥିଲା ।

ମନ୍‌ସୁଖ୍ ମାଣ୍ଡଭିୟ-ସଣ୍ଡେ ଅନ୍ ସାଇକଲ/ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ ଆଏଜ୍ ନୂଆଦିଲ୍ଲୀ ଠାନେ ଆୟୋଜିତ ସଣ୍ଡେ ଅନ୍ ସାଇକଲ୍‌ର ୮୨ ନମ୍ବର୍ ସଂସ୍କରଣ୍‌ଥି ଯୋଗ୍ ଦେଇଛନ୍ । ଇ କାର୍ଯ୍ୟକ୍ରମ୍‌ଥି ସାରା ଦେଶେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍‌ର କର୍ମଚାରୀମାନେ ଭାଗ୍ ନେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଡକ୍ଟର୍ ମାଣ୍ଡଭିୟ କହିଛନ୍, ଇ ପଦକ୍ଷେପ୍ ସ୍ୱାସ୍ଥ୍ୟ ଆଉ

ପରିବେଶ୍ ଲାଗି ଦାୟିତ୍ୱବୋଧର ଗୁଟେ ବଡ଼ ବାର୍ତା ଦଉଛେ । ସାଇକଲ୍ ଚଲାବାର୍‌ଟା ଗୁଟେ ଛୋଟ ଚେଷ୍ଟା ହେଲେ ଇଟା ସ୍ୱାସ୍ଥ୍ୟ ଲାଗି ଭଲ୍ । ଫି’ ରଏବାର୍ ସାଇକଲ୍ ଚଲାବାର୍ ଲାଗି ଘଂଟେ ସମିଆ ଦେବାର୍‌କେ ମନ୍ତ୍ରୀ ଲୁକ୍‌କୁ ଆହ୍ୱାନ୍ କରିଛନ୍ । ଇ ପ୍ରକାର୍ ଅଭ୍ୟାସ୍ ଲୁକ୍‌କୁ ସୁସ୍ଥ ରଖ୍‌ବାର୍ ସହେତେ ପ୍ରଦୂଷଣ୍ କମାବାର୍ ଆଉ ଦେଶର୍ ଇନ୍ଧନ୍ ସଂଚୟ କର୍‌ବାର୍‌ଥି ଯୋଗଦାନ୍ ରଖ୍‌ବା ।

ନଗର୍ ଉନ୍ନୟନ୍ ସଂସ୍ଥା ସମୀକ୍ଷା ବୈଠକ  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ନଗର୍ ଉନ୍ନୟନ୍ ସଂସ୍ଥା ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ନୂଆପଡ଼ା, ଖଡ଼ିଆଲ୍ ଆଉ ଖରିଆର୍ ରୋଡ୍ ଏନ୍‌ଏସି ନ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଳକ୍ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ଉନ୍ନୟନ୍‌ମୂଳକ୍ ପ୍ରକଳ୍ପ କାମ୍ ମୁଲ୍ ହେବାର୍ ଆଘୋନୁ ପ୍ରକଳ୍ପ ବାବ୍‌ଦେ ସବୁ ସୂଚ୍‌ନା ଥିବା ଫଳକ ଥାପ୍‌ନା କର୍‌ବାର୍‌କେ ଜିଲ୍ଲାପାଳ୍ ନିର୍ଦ୍ଦେଶ୍ ଦେଇଥିଲେ ।

ବୈଠକ୍‌ଥି ୨ ନମ୍ବର୍ ଖେପ୍ ପି.ଏମ୍.ଏ.ଓ୍ୱାଇ. ଅଧୀନ୍‌ଥି ୩ ଟା ଏନ୍‌ଏସି ନ ମୋଟ୍ ୮ ଶହ ୨୬ ଟା ଘର୍ ମଞ୍ଜୁର୍ କରାଯାଇଛେ । ତିଆରି ଚାଲିଥିବା ଘର୍ ମାନ୍‌କର୍ କାମ୍‌କେ ତୁର୍‌ତି କରିକରି ଆଏବା ମାସ ୧୫ ତାରିଖତକ୍ ହିତାଧିକାରୀମାନ୍‌କର୍ ଗୃହପ୍ରବେଶ୍ ସୁନିଶ୍ଚିତ୍ କର୍‌ବାର୍‌କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ ।

କ୍ୟାଚ୍ ଦ ରେନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଅମୃତ ୨.୦ ଯୋଜନା ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ଭୂତଳ ଜଳ ପୁର୍ନଭରଣ, ଜଳାଶୟ ପୁନରୁଦ୍ଧାର ଆଉ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରଥି ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ପାଏନ୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ଆଉ ଜଲ୍‌ବାୟୁ ପରିବର୍ତନ୍ ପରିସ୍ଥିତିର୍ ମୁକାବିଲା କର୍‌ବାର୍ ଇ କାର୍ଯ୍ୟକ୍ରମ୍‌ର ମୂଲ୍ ଲକ୍ଷ୍ୟ ଆଏ । ଅଭିଯାନ୍ ଅଧୀନ୍‌ଥି ଦେଶର୍ ୨୭ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପଖାପାଖି ୯ ଶହ ଟା ସହରାଂଚଲ୍ ସ୍ଥାନୀୟ ସଂସ୍ଥା ସକ୍ରିୟ ଭାବେ ସାମିଲ୍

ହେଇଛନ୍ । ବର୍ଷା ପାଏନ୍ ସଂରକ୍ଷଣ, ଭୂତଳ ଜଳସ୍ତର ବଢ଼ାବାର୍‌ଟାକେ ପ୍ରୋତ୍ସାହନ୍ ଦେବାର୍ ଦିଗେ ଇଥି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ପାଣପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତା ୨୪ ତାରିଖ୍ ଆଡ଼େ ରାଜ୍ୟର୍ ଉତର୍ ଭାଗ୍ ଆଉ ଇତାର୍ ପାଖର୍ ଇଲାକା ନ ଫେର୍‌ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ସମୁଦ୍ରଖଁଡ଼ି ଆଉ ଭିତ୍‌ରିଆ ଜିଲ୍ଲାମାନ୍‌କୁ ମଧମ୍‌ନୁ ଜବର୍ ବର୍ଷା ହେଇପାରେ । ସେଆଡ଼େ ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ଲାଗି ସମ୍ବଲପୁର, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ନୂଆପଡ଼ା, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ ବଢ଼୍‌ବାର୍‌ନୁ ଡେମ୍ କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ୪ ଗେଟ୍ ଖୁଲାଯାଇକରି ମହାନଦୀକେ ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍

ସଞ୍ଜ୍ର ୬ ବଜେତକ୍ ୬ ଶହ ୧୨ ଦଶ୍ମିକ୍ ୨/୯ ଫୁଟ୍ ରହିଥିଲା । ଇ ସମିଆଥି ୪ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ୯୩ ହଜାର୍ ୩ ଶହ ୬୦ ଘନଫୁଟ୍ ପାଏନ୍ ଛଡ଼ାୟାଯାଉଥିବାର୍ ବେଲେ ୧ ଲାଖ୍ ୬୨ ହଜାର୍ ଶହେ ୭୨ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।